# ସମ୍ବଲପୁର ରେଳମଣ୍ଡଳରେ ସତର୍କତା ସେମିନାର




**ସମ୍ବଲପୁର, ୧୯।୧୨(ସମିସ):** ସ୍ଥାପନା ସମ୍ବନ୍ଧୀୟ ମାମଲାଗୁଡ଼ିକରେ ସ୍ୱଚ୍ଛତା, ଅଖଣ୍ଡତା ଏବଂ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ, ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ଦ୍ୱାରା ସ୍ଥାପନା ସମ୍ବନ୍ଧୀୟ ମାମଲା ଉପରେ ସତର୍କତା ସେମିନାର ଆୟୋଜିତ ହୋଇଥିଲା। ସେମିନାରରେ ନିଯୁକ୍ତି, ପଦୋନ୍ନତି, ସ୍ଥାନାନ୍ତର, ସେବା ରେକର୍ଡ ଏବଂ ଅନ୍ୟାନ୍ୟ ସ୍ଥାପନା ସମ୍ବନ୍ଧୀୟ ପ୍ରସଙ୍ଗ ସହିତ ଜଡିତ ସତର୍କତା ନିର୍ଦ୍ଦେଶାବଳୀ, ନିୟମ ଏବଂ ପ୍ରକ୍ରିୟା ବିଷୟରେ କର୍ମଚାରୀଙ୍କୁ ସଚେତନ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ପ୍ରଚଳିତ ନିୟମ ପାଳନ, ପ୍ରକ୍ରିୟାଗତ ତ୍ରୁଟି ରୋକିବା ଏବଂ ଦୈନନ୍ଦିନ କାର୍ଯ୍ୟରେ ନୈତିକ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ତପସ୍ୱିନୀ ମହାନନ୍ଦିଆ, ସହକାରୀ ସତର୍କତା ଅଧିକାରୀ (ପି) ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ସାଧାରଣ ବିପଦ ଏବଂ ଅନିୟମିତତା ରୋକିବାରେ ସତର୍କତାର ଭୂମିକାକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବା ପାଇଁ ବ୍ୟବହାରିକ ଉଦାହରଣ ଏବଂ କେସ୍ ଷ୍ଟଡି ଉପରେ ଆଲୋଚନା କରାଯାଇଥିଲା। ମଣ୍ଡଳର ବିଭିନ୍ନ ବିଭାଗର କର୍ମଚାରୀମାନେ ସେମିନାରରେ ଅଂଶଗ୍ରହଣ କରିଥିଲେ।

# ଭୀମଭୋଇ କୃଷକ ସଂଘ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ


**ରେଢ଼ାଖୋଲ, ୧୯ ।୧୨(ସମିସ)**

ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲ୍ଲା କୃଷକ ସଂଗଠନ ଆହ୍ୱାନରେ ସମ୍ବଲପୁର ଜିଲ୍ଲା ୧୨ ଘଣ୍ଟିଆ ବନ୍ଦ ପାଇଁ ଉପଖଣ୍ଡ ସନ୍ଥକବି ଭୀମଭୋଇ କୃଷକ ସଂଘ ଉପଦେଷ୍ଟା କାହ୍ନୁ ଚରଣ ମାଝିଙ୍କ ନେତୃତ୍ୱରେ ରେଢାଖୋଲ ଉପଖଣ୍ଡରେ ୧୨ ଘଣ୍ଟିଆ ବନ୍ଦ ଆନ୍ଦୋଳନ ହୋଇଥିଲେ। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଓ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ରେଢାଖୋଲ ଭୀମଭୋଇ କଲେଜ ଛକ ନିକଟରେ ପହଞ୍ଚି ଚାଷୀ ନେତୃବୃନ୍ଦ ଓ ଚାଷୀଙ୍କ ସମସ୍ୟା ସମ୍ପର୍କରେ ବୁଝାସୁଝା ପରେ ଜାତୀୟ ରାଜପଥ ଯାନବାହନ ଚଳାଚଳକୁ ସଂଘ ପକ୍ଷରୁ ପ୍ରତ୍ୟାହାର କରାଯାଇଥିଲା।




କିନ୍ତୁ ଏଥିରେ ସରକାର କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ ଗୁଡ଼ିକୁ ସଂଘ ପକ୍ଷରୁ ଯାଇ ବନ୍ଦ କରିବା ପାଇଁ ସହଯୋଗ ମାଗିଥିଲେ। ରେଢାଖୋଲ ଉପଖଣ୍ଡର କୃଷକ ନେତୃବୃନ୍ଦ ଚାଷୀଙ୍କ ସହିତ ପ୍ରଶାସନ ସହିତ ଆଲୋଚନା ପରେ ତୀବ୍ରତର ଆନ୍ଦୋଳନକୁ ପ୍ରତ୍ୟାହାର କରିଥିଲେ।ଆଗାମୀ ଦିନରେ ଯେଉଁ ସମସ୍ୟା ହୋଇଛି ତାହା ସରକାର ସମାଧାନ ନ କରନ୍ତି ତେବେ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଉପଖଣ୍ଡ ବନ୍ଦ ପାଳନରେ ସଂଘର ସଭାପତି ଅଶ୍ୱିନୀ କୁମାର ପ୍ରଧାନ, ସମ୍ପାଦକ ଅଜୟ କୁମାର ସାହୁ, ଦଧିବାମନ କୃଷକ ସଂଘର ଉପଦେଷ୍ଟା ବୃଷକେତୁ ପ୍ରଧାନ, ଭୁବନେଶ୍ୱର ପ୍ରଧାନ, ନବ ନିର୍ମାଣ କୃଷକ ସଂଘର ପୂର୍ବତନ ସଭାପତି ଭଗବାନ, ଭୀମଭୋଇ କୃଷକ ସଂଘର୍ଷ ସମିତି ଉପସଭାପତି ମହେଶ ପ୍ରଧାନ, ଦିଲ୍ଲିପ ସାହୁ, ଦଶରଥ ପ୍ରଧାନ। ସେହିପରି ନାକଟିଦେଉଳ ଓ କିସିଣ୍ଡା ଠାରେ ସଂଘର ଉପସଭାପତି ସୁଦାମ ପ୍ରଧାନଙ୍କ ନେତୃତ୍ୱରେ ଚାଷୀଙ୍କ ସହିତ ବନ୍ଦ ପାଳନ କରିଥିଲେ। ରାଜେନ୍ଦ୍ର ପ୍ରଧାନ, କାଳନ୍ଦି ଗଡ଼ତିଆ, ବିଶ୍ୱନାଥ ବେହେରା, ନରେଶ ବେହେରା, ଦେବାନନ୍ଦ ବେହେରା, ସୁରେଶ ପ୍ରଧାନ, ଚାଷୀଙ୍କ ବନ୍ଦ ପାଳନକୁ ସମର୍ଥନ ଜଣାଇଥିଲେ। ରେଢାଖୋଲ ବିଜେଡି ସମର୍ଥନରେ ରେଢାଖୋଲ ବ୍ଲକ ଅଧକ୍ଷ ପ୍ରଦିପ ପ୍ରଧାନ, ବରିଷ୍ଠ ବିଜେଡି ନେତା ଅରୁଣ ପ୍ରଧାନ ସମର୍ଥନ ଜଣାଇଥିଲେ।

# ଫୋକ୍ ଡ୍ୟାନ୍ସରେ ଦୁଲୁକୁଛି ମାରୱାଡ଼ ମହୋତ୍ସବ



**ସମ୍ବଲପୁର, ୧୯।୧୨(ସମିସ):** ସ୍ଥାନୀୟ ହୀରାକୁଦ ପ୍ରଭୁ ଚନ୍ଦ୍ରା ରିସୋର୍ଟ ଠାରେ ମାରୱାଡ଼ ମହୋତ୍ସବର ୨ୟ ରଜନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଇଂ ରୋହିତ ପୂଜାରୀ ମୁଖ୍ୟଅତିଥି, ଆଇଆଇଏମ ନିର୍ଦ୍ଦେଶକ ମହାଦେବ ଜସୱାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ କମିଶନର ରେହାନ ଖତ୍ରି ଓ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବ ଓଡ଼ିଶା, ରାଜସ୍ଥାନ ଓ ହରିୟାଣାର ସଂସ୍କୃତିର ମହାମିଳନ ବୋଲି କହିଥିଲେ। ଏହାର ସଫଳ କାମନା କରିବା ସହ ଆୟୋଜନ ପାଇଁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ଅଧ୍ୟକ୍ଷ ମାଧବ ଡାଲମିଆ, ଅନିଲ ତାୟଲ, ମଙ୍ଗୁତୁ ରାମଜୀ ଅଗ୍ରୱାଲ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ରାଜସ୍ଥାନର ପ୍ରସିଦ୍ଧ ମରୁ କୋକିଳା ସୀମା ମିଶ୍ର ଓ ସାଥୀ ଫୋକ ଡ୍ୟାନ୍ସ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସାମ୍ବାଦିକଙ୍କ ପିତୃ ବିୟୋଗ



**ସମ୍ବଲପୁର, ୧୯।୧୨ (ସମିସ):** ସମ୍ବଲପୁରର ସାମ୍ବାଦିକ ବାଦଶାହା ଯୁଷ୍ମନ ରଣାଙ୍କ ବାପାଙ୍କ ପରଲୋକ ହୋଇଛି। ଝାରସୁଗୁଡା ଜିଲ୍ଲାର ଲାଇକେରା ବ୍ଲକର ପୈତୃକ ଗାଁ ରେଙ୍ଗାଲବେଡାରେ ହୃଦଘାତରେ ମୃତ୍ୟୁ ହୋଇଛି। ସେ ଲଇକେରା ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ। ସେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗରେ କିରାଣୀ ଭାବେ ଚାକିରି କରି ୨୦୧୩ରେ ଅବସର ନେଇଥିଲେ। ତାଙ୍କ ମୃତୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି

**ରେଢ଼ାଖୋଲ, ୧୯ ।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଆଥଲେଟିକ ଆସୋସିଏସନ୍, ସମ୍ବଲପୁର ଜିଲ୍ଲା କ୍ରିକେଟ ଆସୋସିଏସନ୍ ଏବଂ ଆଭାର ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ହେବ। ଶୁକ୍ରବାର ଦିନ ରେଢାଖୋଲ କଲେଜ ଛକ ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଢାଖୋଲ କ୍ରୀଡା ସଂଘର ଉପସଭାପତି ପ୍ରଦୀପ ପ୍ରଧାନ ସମ୍ବଲପୁର କ୍ରିକେଟ ଏସୋସିଏସନ୍ ସମ୍ପାଦକ ଦୁଲାଲ ପ୍ରଧାନ, ଦେବୋତ୍ତର ବୋର୍ଡ ସଭାପତି ଅରୁଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, କ୍ରୀଡା ସଂଘର ସମ୍ପାଦକ ବିଶ୍ୱଜିତ ପଣ୍ଡା କ୍ରୀଡାବିତ୍ ଶ୍ରୀଧର ମିଶ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ବିଷୟରେ ରେଢାଖୋଲ କ୍ରିଡାବିତ୍‌ଙ୍କ ସହିତ ଆଲୋଚନା କରିଥିଲେ।ଏଥିରେ ୮ ଟି ଜିଲ୍ଲାର କ୍ରିକେଟ ଟିମ୍ ଅଂଶ ଗ୍ରହଣ କରିବା ସହିତ ସାତ ଦିନ ଧରି ଟୁର୍ଣ୍ଣାମେଣ୍ଟ ରେଢାଖୋଲ ମିନି ଷ୍ଟାଡ଼ିଅମ୍‌ରେ ଅନୁଷ୍ଠିତ ହେବ। ବୈଠକକୁ ପ୍ରତିଷ୍ଠିତ ଅମ୍ପାୟାର ବିଶୁ ମହାରଣା ପରିଚାଳନା କରିଥିଲେ।ପ୍ରସ୍ତୁତି ବୈଠକରେ କ୍ରୀଡା ସଂଘର ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ଥିଲେ।



# ଠେମରା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ସମ୍ବଲପୁର, ୧୯।୧୨ (ସମିସ):** ଠେମରା ଉଚ୍ଚବିଦ୍ୟାଳୟରେ ଦୁଇଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତପସ୍ୱନୀ ଛୁରିଆ ସଭାପତିତ୍ୱ କରିଥିଲେ। ୩୬ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# କୁଲୁଣ୍ଡି ହାଇସ୍କୁଲର ବାର୍ଷିକୋତ୍ସବ

**ଜମନକିରା, ୧୯ ।୧୨(ସମିସ):** ସମାଜ ପଛରେ ବ୍ୟକ୍ତି ଥାଏ, କିନ୍ତୁ ବ୍ୟକ୍ତିତ୍ୱ ପଛରେ ସମାଜ ରହିଥାଏ। ବର୍ତ୍ତମାନ ନିଜେ ନିଜର ଆତ୍ମସମୀକ୍ଷା କରିବାର ସମୟ ଆସିଛି। ବିଶ୍ୱସେବା ଅନ୍ତର୍ଦୃଷ୍ଟି ଉଚ୍ଚ ବିଦ୍ୟାଳୟ କୁଲୁଣ୍ଡିର ବାର୍ଷିକୋତ୍ସବ ପାଳନ ଅବସରରେ ମଞ୍ଚାସୀନ ଅତିଥିଗଣ ମତବ୍ୟକ୍ତ କରିଛନ୍ତି।ମୁଖ୍ୟଅତିଥି ଭାବେ ଅତାବିରା ମହାବିଦ୍ୟାଳୟର ଅଧକ୍ଷ ଅଶ୍ୱନୀ ପ୍ରଧାନ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ମୁରା ଡିପିଏ କଲେଜର ଇଂରାଜୀ ଅଧ୍ୟାପକ ଯତୀନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀ କିଭଳି ନିଜର ଚରିତ୍ର ଗଠନ କରି ନିଜ ପିତାମାତା ଓ ଗୁରୁ ଜନଙ୍କ ମନରେ କଷ୍ଟ ନ ଦେବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବୁର୍ଲା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ରାମକୃଷ୍ଣ ରଥ, ଜମନକିରା ବିଜେପି ମଣ୍ଡଳ ସଭାପତି ବିଜୟ ନାଏକ, କୁଲୁଣ୍ଡି ହାଇସ୍କୁଲ ଅବସରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ ସାହୁ, କୁଲୁଣ୍ଡି ହାଇସ୍କୁଲ ଅବସରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ମହେନ୍ଦ୍ର ସାହୁ, କୁଲୁଣ୍ଡି ସରପଞ୍ଚ ପଙ୍କଜିନି କୁମୁରା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜକିଶୋର ପ୍ରଧାନ ମଞ୍ଚାସିନ ଥିଲେ। ପ୍ରଧାନଶିକ୍ଷକ ବ୍ରଜକିଶୋର ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପ୍ରଧାନଙ୍କ ରଚିତ ନାଟକ 'ପହେଲା ପଢ଼ାଇ, ତାପରେ ବିଦାୟୀ'ମଞ୍ଚସ୍ଥ ହୋଇଥିଲା। ଶିକ୍ଷୟିତ୍ରୀ ନିହାରିକା ମାଝୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଚୁଡାମଣି ବାଗ, ଦେବେନ୍ଦ୍ର ଚନ୍ଦ୍ରକର, ସମୀର




ସମୀର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାକାର୍ଯ୍ୟ ପରେ ପୁରସ୍କାର ବିତରଣୀ ଉତ୍ସବରେ ବିଦ୍ୟାଳୟର ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯତୀନ୍ଦ୍ର ଦଣ୍ଡସେନା, ଶିକ୍ଷୟିତ୍ରୀ ମଞ୍ଜୁଲତା ଗଡ଼ତିଆ, ଝରଣା କିଷାନ, ପ୍ରଭାତୀ ପ୍ରଧାନ, ଦେବେନ୍ଦ୍ର ଚନ୍ଦ୍ରକର, ସମୀର ଦଣ୍ଡସେନା, କର୍ମଚାରୀ ପୁରୁଷୋତ୍ତମ ପ୍ରଧାନ, ହିମାଂଶୁ ଥନାପତି, ଲିସା ନାଗ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ରେଢ଼ାଖୋଲ, ୧୯ ।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବୁର୍ଡା ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଦେହୁରୀଙ୍କ ଅଧକ୍ଷତାରେ



ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡମାଳ ସେବାଶ୍ରମର ପ୍ରଧାନଶିକ୍ଷକ କାହ୍ନୁଚରଣ ରାଉଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ସର୍ବକନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ୧୪ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ହିମାଂଶୁ ଶେଖର ବିଶ୍ୱାଳ, ସନ୍ତୋଷ କୁମାର ମହାକୁଡ଼ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ର ସୁଶାନ୍ତ କୁମାର ପ୍ରଧାନ ଚାମ୍ପିଅନ ହୋଇଥିଲେ। ଶେଷରେ ସରକାରୀ ଶିକ୍ଷୟିତ୍ରୀ ମିନତୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏସ୍‌ସିବି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସମ୍ବଲପୁର, ୧୯।୧୨(ସମିସ)**

ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଧନୁପାଲି ନିକଟସ୍ଥ ମହାବୀର ପଡ଼ା ହନୁମାନ୍ ମନ୍ଦିରରୁ ଅଣାଯାଇଥିବା ମଶାଲ୍‌କୁ ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲ୍ ସ୍ଥାପନ କରି ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଂସଦର ଉପସଭାପତି ଅଧ୍ୟାପକ ପର୍ଶୁରାମ ଭୋଇଙ୍କ ତତ୍ତ୍ୱାବଧାନରେ ଏବଂ ଅଧ୍ୟାପକ ସତ୍ୟପ୍ରକାଶ ଟୁଡୁ, ଅଧ୍ୟାପିକା ଡକ୍ଟର ସନ୍ଧ୍ୟାରାଣୀ କୁଅଁର, ଡ.ଜ୍ୟୋତ୍ସ୍ନାରାଣୀ



ବାର୍ଲା, ଡକ୍ଟର ସେନ୍ ସେଠ୍, ଅଧ୍ୟାପିକା ମେଞ୍ଚା ପୂର୍ତ୍ତି ପ୍ରମୁଖଙ୍କ ସହଯୋଗରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଉତ୍ସବର ପ୍ରଥମ ଦିନରେ ଯୁକ୍ତ ଦୁଇ, ଯୁକ୍ତ ତିନି ଏବଂ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ୧୦୦ମିଟର, ୨୦୦ ମିଟର, ଲମ୍ବ ଡିଆଁ, ସଟପୁଟ୍ ଆଦି ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗିତା ଛାତ୍ର ଏବଂ ଛାତ୍ରୀଙ୍କ ପାଇଁ ଅଲଗା ଅଲଗା ଭାବେ ଆୟୋଜିତ ହୋଇଥିଲା। ସମସ୍ତ ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଖେଳ ଶିକ୍ଷକ ଲକ୍ଷ୍ମୀଧର ବେହେରାଙ୍କ ସହିତ ଖଣ୍ଡୁଆଳ ହାଇସ୍କୁଲର ଖେଳ ଶିକ୍ଷକ ମହେଶ୍ୱର ଖଣ୍ଡେଇ, ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ବଲପୁରର ଭୀମସେନ ବାରିକ ଏବଂ ମୁରା ହାଇସ୍କୁଲର ଖେଳ ଶିକ୍ଷକ ଦୀପ୍ତି ରଞ୍ଜନ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଡ.ରଘୁମଣି ନାଏକ, ଡ. ସତ୍ୟ ରଞ୍ଜନ ଗାଁରୁ ଏବଂ ସୁଧାଂଶୁ ଆଚାର୍ଯ୍ୟ ଉଦ୍‌ଘୋଷକ ଭାବେ ଦାୟିତ୍ୱନିର୍ବାହ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା ସହଯୋଗ କରିଥିଲେ। ଶନିବାର ଉଦ୍‌ଯାପନୀ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ।

# କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ନାକଟିଦେଉଳ, ୧୯ ।୧୨(ସିମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଅଧକ୍ଷା ସୁଶ୍ରିତା ଭୋଇଙ୍କ ଅଧକ୍ଷତାରେ ବାର୍ଷିକ କ୍ରୀଡା



ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ମଶାଲ ବାହାରକରି ସ୍ୱାଗତ ସଙ୍ଗୀତ ସମେତ ଭୂମି ପୂଜନ କରି ଅଧକ୍ଷାଙ୍କ ସହିତ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ।କ୍ରୀଡା ଦ୍ୱାରା ସୁସ୍ଥ ରହିବା ସହିତ ଶାରୀରିକ ଓ ମାନସିକ ସମ୍ବନ୍ଧରେ ଅଧକ୍ଷା ଅଭିଭାଷଣ ପ୍ରଦାନ କରିଥିଲେ। କିସିଣ୍ଡା ଥାନା ସବ୍‌ଇନ୍‌ସ୍ପେକ୍ଟର ଗୋଲକ ବିହାରୀ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଉତ୍ସବରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରି ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ। +୨ଦ୍ୱିତୀୟ ବର୍ଷର ଛାତ୍ର ସୌରେନ୍ କୁମୁରା ଚାମ୍ପିଅନ ହୋଇଥିଲେ। ରାଜନୀତି ବିଭାଗର ଅଧ୍ୟାପକ କୌଶିକ କୁମାର ପ୍ରଧାନ ସଂଯୋଜନା କରିଥିଲେ ଏବଂ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଗଣ ପ୍ରମୁଖ ସହଯୋଗ କରିଥିଲେ। ଖେଳ ଶିକ୍ଷକ ଶ୍ରୀଯୁକ୍ତ ସୁରେଶ କୁମାର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଯୁଯୁମୁରା ହାଇସ୍କୁଲର ବାର୍ଷିକ କ୍ରୀଡ଼ା



**ଯୁଯୁମୁରା, ୧୯।୧୨(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ଯୁଯୁମୁରାରେ ଦୁଇଦିନ ଧରି ୪୭ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୁରୁବାର ବିଦ୍ୟାଳୟର ଛାତ୍ରମାନେ ସ୍ଥାନୀୟ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରି ମଶାଲ ଯାତ୍ରାରେ ନଗର ପରିକ୍ରମା କରିଥିଲେ ଏବଂ ବିଦ୍ୟାଳୟ ପ୍ରାଙ୍ଗଣରେ ମଶାଲ ଅବସ୍ଥାପିତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଯୁଯୁମୁରା ଗ୍ରାମପଞ୍ଚାୟତର ସରପଞ୍ଚ ବାସନ୍ତୀ ପ୍ରଧାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଦିବ୍ୟକିଶୋର୍ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ମେଣ୍ଡଲୀଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ଅତିଥି ବୃନ୍ଦ କ୍ରୀଡା ଉପରେ ନିଜ ନିଜର ଅଭିମତ ରଖିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଶାନ୍ତ କୁମାର ସାହୁ ବିବରଣୀ ଉପସ୍ଥାପନ କରିଥିଲେ ଏବଂ ଶିକ୍ଷକ ବିକାଶ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ବନମାଳୀ ମିଶ୍ର, ମୁଖ୍ୟ ବକ୍ତା ସଞ୍ଜୟ କୁମାର ପ୍ରଧାନ ବନଖଣ୍ଡ ଅଧିକାରୀ ଯୁଯୁମୁରା ସମ୍ମାନିତ ଅତିଥି, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଦିବ୍ୟକିଶୋର ପ୍ରଧାନ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଧୀର କୁମାର ହୋତା ମଞ୍ଚାସିନ ଥିଲେ। କ୍ରୀଡା ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଗୁରୁଚରଣ ସାହୁ, ଯୁଯୁମୁରା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବସନ୍ତ କୁମାର ପ୍ରଧାନ ଓ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଶାନ୍ତ କୁମାର ସାହୁ କ୍ରୀଡା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପରାଶକ୍ତି ସୁଭଦ୍ରିକା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ବିକାଶ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



